# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

### 24th April – 2026

************************************

## ମୁଖ୍ୟ ସମ୍ବାଦ

- ପଞ୍ଚାୟତିରାଜ ଦିବସ ଅବସରରେ ଆଜି ଅନ୍ତ୍ୟୋଦୟ ଗୃହ ଯୋଜନାର ୫୦ ହଜାରରୁ ଊର୍ଦ୍ଧ୍ୱ ହିତାଧିକାରୀଙ୍କୁ କାର୍ଯ୍ୟାଦେଶ ବଣ୍ଟନ କରିବେ ମୁଖ୍ୟମନ୍ତ୍ରୀ ।

- ଓଡ଼ିଶାକୁ ଜ୍ଞାନ ଆଧାରିତ ଅର୍ଥନୀତିରେ ପରିଣତ କରିବା ଉପରେ ଗୁରୁତ୍ୱ ଦେଉଛନ୍ତି ସରକାର ।

- ଗ୍ରୀଷ୍ମଲହରୀକୁ ଦୃଷ୍ଟିରେ ରଖି ଆସନ୍ତା ସୋମବାରଠାରୁ ସମସ୍ତ ବିଦ୍ୟାଳୟକୁ ଛୁଟି ଘୋଷଣା କଲେ ରାଜ୍ୟ ସରକାର ।

ଏବଂ

- ଗ୍ରୀଷ୍ମପ୍ରବାହ ଓ ଗୁଳୁଗୁଳି ବୃଦ୍ଧି ପାଇବା ନେଇ ୧୩ଟି ଜିଲ୍ଲାକୁ ସତର୍କ ସୂଚନା ଜାରି କଲା ପାଣିପାଗ କେନ୍ଦ୍ର ।

***Desk***

# ଜାତୀୟ ପଞ୍ଚାୟତିରାଜ ଦିବସ

ପଞ୍ଚାୟତିରାଜ ସଂସ୍ଥାଗୁଡ଼ିକୁ ଅଧିକ ସଶକ୍ତ କରିବା ସହିତ ଜନସାଧାରଣଙ୍କୁ ବିକାଶମୂଳକ କାର୍ଯ୍ୟରେ ଭାଗିଦାରୀ ସୁନିଶ୍ଚିତ କରିବା ନେଇ ଦେଶରେ ଆଜି ଜାତୀୟ ପଞ୍ଚାୟତିରାଜ ଦିବସ ପାଳନ କରାଯାଉଛି । ୧୯୯୩ ମସିହାରେ ଭାରତୀୟ ସମ୍ବିଧାନର ୭୩ତମ ସଂଶୋଧନ ପଞ୍ଚାୟତିରାଜ ଦିବସକୁ ଏକ ସାମ୍ବିଧାନିକ ମର୍ଯ୍ୟାଦା ପ୍ରଦାନ କରିଥିଲା। ୨୦୧୦ ମସିହା ଏପ୍ରିଲ୍ ୨୪ ତାରିଖରୁ ଜାତୀୟ ପଞ୍ଚାୟତିରାଜ ଦିବସ ପାଳନ କରାଯାଉଛି । ଫଳରେ ସ୍ଥାନୀୟ ଅଧିବାସୀଙ୍କ ସକ୍ରିୟ ସହଯୋଗରେ ତୃଣମୂଳ ସ୍ତରରେ ଗଣତନ୍ତ୍ରର ପ୍ରତିଷ୍ଠା ସହିତ ରାଷ୍ଟ୍ର ନିର୍ମାଣରେ ତ୍ରିସ୍ତରୀୟ ପଞ୍ଚାୟତିରାଜ ବ୍ୟବସ୍ଥା ଗୁରୁତ୍ୱପୂର୍ଣ୍ଣ ଭୂମିକା ବହନ କରୁଛି ।

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବଲାଙ୍ଗୀର ଗାନ୍ଧୀ ଷ୍ଟାଡିୟମରେ ଆୟୋଜିତ ରାଜ୍ୟସ୍ତରୀୟ ସମାରୋହରେ ଯୋଗ ଦେବେ । ଏହି ଅବସରରେ ଶ୍ରୀ ମାଝୀ ଅନ୍ତ୍ୟୋଦୟ ଗୃହ ଯୋଜନାରେ ୫୦ ହଜାରରୁ ଊର୍ଦ୍ଧ୍ୱ ହିତାଧିକାରୀଙ୍କୁ କାର୍ଯ୍ୟାଦେଶ ବଣ୍ଟନ ସହ ପ୍ରଥମ କିସ୍ତିରାଶି ପ୍ରଦାନ କରିବେ ।

***HS***

# ଧର୍ମେନ୍ଦ୍ର - ଜେ.ଏସ୍.ଡବ୍ଲ୍ୟୁ.

ରାଜ୍ୟ ସରକାର ଜ୍ଞାନ ଆଧାରିତ ଅର୍ଥନୀତିରେ ପରିଣତ କରିବା ଉପରେ ସରକାର ଗୁରୁତ୍ୱ ଦେଉଛନ୍ତି ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ

କହିଛନ୍ତି । ସମ୍ବଲପୁରଠାରେ ଜେ.ଏସ୍.ଡବ୍ଲ୍ୟୁ. ଏବଂ ଜେ.ଏଫ୍.ଇ. ଇସ୍ପାତ ନିଗମ ମଧ୍ୟରେ ଯୌଥ ଉଦ୍ୟୋଗ ସ୍ଥାପନର କାର୍ଯ୍ୟକ୍ରମରେ ଯୋଗଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି :

***Voice (CM)*** :.........

କାର୍ଯ୍ୟକ୍ରମରେ ଯୋଗଦେଇ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି, ସମ୍ବଲପୁର ଓ ଝାରସୁଗୁଡ଼ା ଜିଲ୍ଲା ସମେତ ଓଡ଼ିଶା ଦେଶର ଅଗ୍ରଣୀ ସାମଗ୍ରୀ ଉତ୍ପାଦନ କେନ୍ଦ୍ରସ୍ଥଳୀରେ ପରିଣତ ହେବ । କେନ୍ଦ୍ରମନ୍ତ୍ରୀ କହିଛନ୍ତି, ଏହି ପ୍ରକଳ୍ପ ଅଧୀନରେ ଓଡ଼ିଶାରେ ପ୍ରାୟ ୧ ଲକ୍ଷ କୋଟି ଟଙ୍କାର ପୁଞ୍ଜିନିବେଶ କରାଯିବ, ଯାହା ମୁଖ୍ୟତଃ ଉଚ୍ଚମାନର ଗୁଣାତ୍ମକ ଇସ୍ପାତ ଉତ୍ପାଦନ ଉପରେ କେନ୍ଦ୍ରିତ ରହିବ । ପ୍ରକଳ୍ପ ଅଧୀନରେ ଗ୍ରୀନ୍ ଷ୍ଟିଲ୍ ଉତ୍ପାଦନ ଉପରେ ଗୁରୁତ୍ୱ ଦେଇ ପରିବେଶ ସୁରକ୍ଷା କ୍ଷେତ୍ରରେ ଅଧିକ ଧ୍ୟାନ କେନ୍ଦ୍ରିତ କରାଯିବ । ଜେ.ଏସ୍.ଡବ୍ଲ୍ୟୁ. ଜାପାନର ଜେ.ଏଫ୍.ଟି. ଷ୍ଟିଲ୍ କର୍ପୋରେସନ ମଧ୍ୟରେ ଏହି ମିଳିତ ଉଦ୍ୟୋଗରୁ ବାର୍ଷିକ ଉତ୍ପାଦନକୁ ୧୦ ମିଲିୟନ୍ ଟନ୍‌କୁ ବୃଦ୍ଧି କରାଯିବାର ଯୋଜନା ରହିଛି । ଶିଳ୍ପ ପ୍ରତିଷ୍ଠା ସହିତ ସ୍ଥାନୀୟ ନିଯୁକ୍ତି, ଦକ୍ଷତା ବିକାଶ ଏବଂ ସାମାଜିକ ସହଭାଗିତାକୁ ପ୍ରାଧାନ୍ୟ ଦେବାପାଇଁ ଶ୍ରୀ ପ୍ରଧାନ ଗୁରୁତ୍ୱାରୋପ କରିଛନ୍ତି । ପ୍ରକଳ୍ପ ଜରିଆରେ ରାଜ୍ୟ' ବିଶ୍ୱ ଇସ୍ପାତ ମାନଚିତ୍ରରେ ଏକ ପ୍ରମୁଖ କେନ୍ଦ୍ର ଭାବେ ଉଭା ହେବ ବୋଲି କେନ୍ଦ୍ରମନ୍ତ୍ରୀ କହିଛନ୍ତି । ଏହି ଅବସରରେ ବୁର୍ଲାସ୍ଥିତ ବୀର ସୁରେନ୍ଦ୍ର ସାଏ ବୈଷୟିକ ବିଶ୍ୱବିଦ୍ୟାଳୟ-ଭିସୁଟ୍ ପରିସରରେ ଯୋହୋ ଷ୍ଟିଲ୍ ହବ୍‌ର ଲୋକାର୍ପଣ ହୋଇଯାଇଛି ।

*Desk*

# ଆଦର୍ଶ ବିଦ୍ୟାଳୟ

ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ଯୋଜନା ଅଧୀନରେ ବିଦ୍ୟାଳୟ ନିର୍ମାଣପାଇଁ ପ୍ରାଥମିକତା ଭିତ୍ତିରେ ଜମି ଚିହ୍ନଟପାଇଁ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଡକ୍ଟର ଅରବିନ୍ଦ ପାଢ଼ୀ ସମସ୍ତ ଜିଲ୍ଲାପାଳଙ୍କୁ ଚିଠି ମାଧ୍ୟମରେ ଅବଗତ କରିଛନ୍ତି। ଗ୍ରାମ ପଞ୍ଚାୟତ ସ୍ତରରେ ଗୁଣାତ୍ମକ ଶିକ୍ଷା ପ୍ରଦାନପାଇଁ ଏହି ଯୋଜନା ଆରମ୍ଭ ହୋଇଛି । ଯୋଜନା ଅଧୀନରେ ପ୍ରଥମ ପର୍ଯ୍ୟାୟରେ ୧୧୮ଟି ବିଦ୍ୟାଳୟ ଚୟନ କରାଯାଇ ଗତ ଜାନୁୟାରୀ ମାସ ୭ ତାରିଖରେ ଶିଳାନ୍ୟାସ କରାଯାଇଛି । ଦ୍ୱିତୀୟ ପର୍ଯ୍ୟାୟରେ ଅନ୍ୟ ୨୧୨ଟି ବିଦ୍ୟାଳୟକୁ ଅନୁମୋଦନ କରାଯାଇଥିବା ବିଭାଗ ପକ୍ଷରୁ ସୂଚନା ମିଳିଛି । ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର କ୍ଷେତ୍ରସ୍ତରୀୟ ଅଧିକାରୀଙ୍କ ସମନ୍ୱୟରେ ବିଦ୍ୟାଳୟ ନିର୍ମାଣପାଇଁ ୫ ଏକର ଉପଯୁକ୍ତ ସରକାରୀ ଜମି ଚିହ୍ନଟ ଏବଂ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗକୁ ଏହି ଜମି ହସ୍ତାନ୍ତର କରିବାପାଇଁ ଚିଠିରେ ଉଲ୍ଲେଖ କରାଯାଇଛି ।

*Desk*

# ମୁଖ୍ୟମନ୍ତ୍ରୀ - ସହାୟତା

ଭୁବନେଶ୍ୱର ଅର୍ବାନ୍ ପୁଲିସ୍ ଜିଲ୍ଲାରେ ଗୃହରକ୍ଷୀ ଭାବେ କାର୍ଯ୍ୟରତ ପ୍ରଦୀପ ମାର୍ଥାଙ୍କ ବିୟୋଗରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶୋକ ପ୍ରକାଶ କରିଛନ୍ତି । ମୃତକଙ୍କ ପରିବାରର ନିକଟତମ ଆତ୍ମୀୟଙ୍କ ପାଇଁ ମୁଖ୍ୟମନ୍ତ୍ରୀ ରିଲିଫ୍ ପାଣ୍ଠିରୁ ୪ ଲକ୍ଷ ଟଙ୍କାର ଅନୁକମ୍ପାମୂଳକ ସହାୟତା ରାଶି ଘୋଷଣା କରିଛନ୍ତି ।

*Desk*

# ବିଦ୍ୟାଳୟ ଛୁଟି ଘୋଷଣା

ରାଜ୍ୟରେ ଜାରି ରହିଥିବା ପ୍ରବଳ ଗ୍ରୀଷ୍ମପ୍ରବାହକୁ ଦୃଷ୍ଟିରେ ରଖି ସରକାର ଆସନ୍ତା ସୋମବାରଠାରୁ ସମସ୍ତ ବିଦ୍ୟାଳୟକୁ ଛୁଟି ଘୋଷଣା କରିଛନ୍ତି । ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ଏ ସମ୍ପର୍କିତ ପ୍ରସ୍ତାବକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଅନୁମୋଦନ କରିଛନ୍ତି । ଛାତ୍ରଛାତ୍ରୀଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ସରକାରୀ, ସରକାରୀ ଅନୁଦାନପ୍ରାପ୍ତ ଓ ବେସରକାରୀ ବିଦ୍ୟାଳୟ ବନ୍ଦ ରହିବ । ତେବେ ପୂର୍ବ ନିର୍ଦ୍ଧାରିତ ପରୀକ୍ଷା, ଜନଗଣନା କାର୍ଯ୍ୟ ଓ ଅନ୍ୟାନ୍ୟ ଅଫିସ କାର୍ଯ୍ୟ ପୂର୍ବପରି ଜାରି ରହିବ ବୋଲି ସରକାରଙ୍କ ପକ୍ଷରୁ କୁହାଯାଇଛି ।

*Desk*

# ପ୍ରଭାତୀ ପରିଡ଼ା - ଗଞ୍ଜାମ ଗସ୍ତ

ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଦୁଇଦିନିଆ ଗଞ୍ଜାମ ଜିଲ୍ଲାରେ ଗସ୍ତରେ ଯାଇ ବିଭିନ୍ନ ପ୍ରକଳ୍ପର ସମୀକ୍ଷା କରିଛନ୍ତି । ଶ୍ରୀମତୀ ପରିଡ଼ା ଖଲ୍ଲିକୋଟ୍‌ସ୍ଥିତ ମା' ନାରାୟଣୀ ମନ୍ଦିର ପରିଦର୍ଶନ କରିବା ସହିତ ମନ୍ଦିରର ପାରିପାର୍ଶ୍ୱିକ ଉନ୍ନତୀକରଣ ପାଇଁ କାର୍ଯ୍ୟକାରି କରାଯାଉଥିବା ପ୍ରକଳ୍ପ ଅଗ୍ରଗତି ସମ୍ପର୍କରେ ଅନୁଧ୍ୟାନ କରିଛନ୍ତି । ଆଗାମୀ ଦିନରେ ମା' ନାରାୟଣୀ ପୀଠର ସମ୍ପୂର୍ଣ୍ଣ ନବକଳେବର ହେବ ବୋଲି ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ଶ୍ରୀମତୀ ପରିଡ଼ା କହିଛନ୍ତି :

***Voice (Pravati Parida)*** :.......

*Desk*

# ଶିଶୁସୁରକ୍ଷା କର୍ମଶାଳା

ଭୁବନେଶ୍ୱରଠାରେ ଓଡ଼ିଶା ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗ ଏବଂ ଚାଇଲ୍ଡ୍ ଫଣ୍ଡ ଇଣ୍ଡିଆର ସହଯୋଗରେ ଶିଶୁମାନଙ୍କପାଇଁ ଅନ୍‌ଲାଇନ ସୁରକ୍ଷା ସମ୍ପର୍କିତ ଏକ କର୍ମଶାଳା ଆୟୋଜିତ ହୋଇଯାଇଛି । କାର୍ଯ୍ୟକ୍ରମରେ ୮୦ ଜଣ କର୍ମକର୍ତ୍ତା ଅଂଶଗ୍ରହଣ କରିଥିଲେ । ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ

ଆୟୁକ୍ତ ତଥା ଶାସନ ସଚିବ ଡାକ୍ତର ଏନ୍. ତିରୁମାଲା ନାୟକ ଅନ୍‌ଲାଇନ୍ ବିପଦରୁ ଶିଶୁମାନଙ୍କୁ ସୁରକ୍ଷା ପଦକ୍ଷେପ ଉପରେ ଆଲୋଚନା କରିଥିଲେ । ସମସ୍ତ ଅଂଶଗ୍ରହଣକାରୀଙ୍କୁ ଶିଶୁ ଓ ଅଭିଭାବକମାନଙ୍କ ମଧ୍ୟରେ ସଚେତନତା ସୃଷ୍ଟିକରି ଅନ୍‌ଲାଇନ୍ ଶୋଷଣରୁ ସେମାନଙ୍କୁ ସୁରକ୍ଷିତ ରଖିବାକୁ ସଚିବ ପରାମର୍ଶ ଦେଇଥିଲେ ।

*Malkangiri/R*

# ଜିଲ୍ଲାପାଳ - ସମୀକ୍ଷା

ମାଲକାନଗିରି ଜିଲ୍ଲା କୋରୁକୋଣ୍ଡା ବ୍ଲକ୍ ନାକାମାମୁଡ଼ି ପଞ୍ଚାୟତକୁ ଜିଲ୍ଲାପାଳ ପ୍ରଥମେଶ ଅରବିନ୍ଦ ରାଜସିର୍କେ ଗସ୍ତ କରି ବିଭିନ୍ନ ବିକାଶମୂଳକ କାର୍ଯ୍ୟର ତଦାରଖ କରିଛନ୍ତି । ଜିଲ୍ଲାପାଳ ଦାମୋଦରବେଡ଼ା ଗ୍ରାମରେ ସେତୁ ଯୋଜନାରେ ନିର୍ମାଣାଧୀନ ୩୦ ଲକ୍ଷ ଟଙ୍କାର ପୋଲ ନିର୍ମାଣ କାର୍ଯ୍ୟର ଅନୁଧ୍ୟାନ କରି ନିର୍ଦ୍ଧାରିତ ସମୟ ମଧ୍ୟରେ ଶେଷ କରିବାକୁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ନାରିଙ୍ଗଝୋଲା ଗ୍ରାମକୁ ଆଦର୍ଶ ଗ୍ରାମ ଭାବେ ଗଢ଼ିବାପାଇଁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ନିର୍ମିତ ୪୦ଟି ପରିବାରର ଗୃହ ନିର୍ମାଣ କାର୍ଯ୍ୟର ସମୀକ୍ଷା କରିଥିଲେ ।

*Nayagarh/R*

## ଗୃହଗଣନା

ନୟାଗଡ଼ ପୌର ପରିଷଦ ଅନ୍ତର୍ଗତ ୧୬ଟି ୱାର୍ଡ଼ରେ ଗୃହଗଣନା କାର୍ଯ୍ୟକ୍ରମ ଜାରି ରହିଛି । ଗଣନା କାର୍ଯ୍ୟରେ ୫୮ ଜଣ ଶିକ୍ଷକ ଶିକ୍ଷୟିତ୍ରୀ ନିୟୋଜିତ ଅଛନ୍ତି । ଏହାସହିତ ୧୮ ଜଣ ଗଣନାକାରୀଙ୍କୁ ସଂରକ୍ଷିତ ଭାବେ ରଖାଯାଇଛି । ଗଣନା କାର୍ଯ୍ୟର ତଦାରଖ କରିବାପାଇଁ ୧୧ ଜଣ ଶିକ୍ଷକ ଶିକ୍ଷୟିତ୍ରୀ ପର୍ଯ୍ୟବେକ୍ଷକ ଭାବେ କାର୍ଯ୍ୟ କରୁଛନ୍ତି । ଜନଗଣନାର ପ୍ରଥମ ପର୍ଯ୍ୟାୟ ଗୃହଗଣନା କାର୍ଯ୍ୟ ଆସନ୍ତା ମାସ ୧୫ ତାରିଖରେ ଶେଷ ହେବ । ୨୦୨୭ ମସିହା ଫେବୃୟାରୀ ମାସରେ ଦ୍ୱିତୀୟ ପର୍ଯ୍ୟାୟ ଜନଗଣନା କାର୍ଯ୍ୟ ଆରମ୍ଭ ହେବ ।

*Nabarangpur/R*

## ମହିଳା ସଂରକ୍ଷଣ ସମ୍ମିଳନୀ

ନବରଙ୍ଗପୁର ଜିଲ୍ଲା ବି.ଜେ.ପି. ପକ୍ଷରୁ ନାରୀଶକ୍ତି ବନ୍ଦନ ଅଧିନୀୟମକୁ ନେଇ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ଜିଲ୍ଲା ଯୋଜନା ବୋର୍ଡ଼ ଅଧ୍ୟକ୍ଷ ତଥା ବିଧାୟକ ଗୌରୀଶଙ୍କର ମାଝୀ ପ୍ରମୁଖ ସମ୍ମିଳନୀରେ ଉପସ୍ଥିତ ରହି ଲୋକସଭା ଓ ରାଜ୍ୟ ବିଧାନସଭାଗୁଡ଼ିକରେ ମହିଳାଙ୍କପାଇଁ ୩୩ ପ୍ରତିଶତ ସଂରକ୍ଷଣ

ସମ୍ପର୍କରେ ଆଲୋଚନା କରିଥିଲେ । ମହିଳାଙ୍କ ଉନ୍ନତି ପାଇଁ ସରକାର ସର୍ବଦା ପ୍ରୟାସ ଜାରି ରଖିଛନ୍ତି ବୋଲି ଉପସ୍ଥିତି ବିଶିଷ୍ଟ ବ୍ୟକ୍ତିମାନେ ମତବ୍ୟକ୍ତ କରିଥିଲେ ।

***Nayagarh/R***

## ପାନୀୟ ଜଳ କେନ୍ଦ୍ର

ନୟାଗଡ଼ ଜିଲ୍ଲା ରଣପୁର ବିଜ୍ଞପିତ ଅଞ୍ଚଳ ପରିଷଦରେ ବାଚସ୍ପତି ସୁରମା ପାଢ଼ୀ ଶୁଦ୍ଧ ପାନୀୟ ଜଳ ଯୋଗାଣ କେନ୍ଦ୍ରର ଲୋକାର୍ପଣ କରିଛନ୍ତି । କାର୍ଯ୍ୟକ୍ରମରେ ବିଜ୍ଞପିତ ପରିଷଦ ଅଧ୍ୟକ୍ଷା, ସାଂସଦ ପ୍ରତିନିଧି ପ୍ରମୁଖ ଯୋଗ ଦେଇଥିଲେ ।

***Desk***

## ପାଣିପାଗ

ରାଜ୍ୟରେ ଗ୍ରୀଷ୍ମଲହରୀ ବୃଦ୍ଧି ପାଉଛି । ଆସନ୍ତା ୨୪ ଘଣ୍ଟା ମଧ୍ୟରେ ପ୍ରବଳ ଗରମ ଓ ଗୁଳୁଗୁଳି ନେଇ ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ୧୩ଟି ଜିଲ୍ଲାକୁ ସତର୍କ ସୂଚନା ଜାରି କରାଯାଇଛି । ଆଜି ଅପରାହ୍ଣ ସୁଦ୍ଧା ଝାରସୁଗୁଡ଼ାରେ ସର୍ବାଧିକ ଦିନ ତାପମାତ୍ରା ୪୪ ଦଶମିକ ୮ ଡିଗ୍ରୀ

ସେଲ୍‌ସିୟସ୍ ରେକର୍ଡ଼ କରାଯାଇଛି । ଆଗାମୀ ୨ ଦିନ ମଧ୍ୟରେ ରାଜ୍ୟର ଜିଲ୍ଲାଗୁଡ଼ିକରେ ସର୍ବାଧିକ ଦିନ ତାପମାତ୍ରାରେ ବିଶେଷ ପରିବର୍ତ୍ତନର ସମ୍ଭାବନା ନାହିଁ । ପରବର୍ତ୍ତୀ ସମୟରେ ତାପମାତ୍ରା ୨ରୁ ୪ ଡିଗ୍ରୀ ହ୍ରାସ ପାଇବା ନେଇ ପାଣିପାଗ କେନ୍ଦ୍ର ପକ୍ଷରୁ ଅନୁମାନ କରଯାଇଛି ।

ଅନ୍ୟପକ୍ଷରେ ଆସନ୍ତା ୨୪ ଘଣ୍ଟା ମଧ୍ୟରେ ବଜ୍ରପାତ ସହ ବର୍ଷା ହେବା ନେଇ ପାଣିପାଗ କେନ୍ଦ୍ର ପକ୍ଷରୁ ୬ଟି ଜିଲ୍ଲାକୁ ସତର୍କ ସୂଚନା ଜାରି କରାଯାଇଛି ।

***Nayagarh/R***

# ସି.ଏମ୍. ଟ୍ରଫି

ନୟାଗଡ଼ ଜିଲ୍ଲା କ୍ରୀଡ଼ା ବିଭାଗ ଓ ଆଥ୍‌ଲେଟିକ୍ ଆସୋସିଏସନ ଆନୁକୂଲ୍ୟରେ ଜିଲ୍ଲା ଖେଳପଡ଼ିଆଠାରେ ସି.ଏମ୍. ଟ୍ରଫି ଆନ୍ତଃକ୍ଲବ୍ ଓ ଆନ୍ତଃଜିଲ୍ଲା ଫୁଟ୍‌ବଲ୍ ଟୁର୍ଣ୍ଣାମେଣ୍ଟକୁ ଜିଲ୍ଲାପାଳ ମଧୁମିତା ରଥ ଉଦ୍‌ଘାଟନ କରିଛନ୍ତି । ଉଦ୍‌ଘାଟନୀ ମ୍ୟାଚ୍‌ରେ ବାଇଗୁଣିଆର କୋଅପରେଟିଭ୍ ହାଇସ୍କୁଲ୍ ୨-୦ ଗୋଲ୍‌ରେ ନୟାଗଡ଼ ଫୁଟ୍‌ବଲ୍ କ୍ଲବ୍‌ଠାରୁ ବିଜୟୀ ହୋଇଛି ।

******